# ନିୟମଗିରି ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲାପାଳ

ରାୟଗଡ଼ା,୪ ।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଏସ୍‌ପି ହରିଶ ବିସି ଗୁରୁବାର ମିଳିତ ଭାବେ ନିୟମଗିରି ପାହାଡ଼ିଆ ଅଞ୍ଚଳରେ ଥିବା ବିଭିନ୍ନ ଗାଁ ପରିଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ଓ ଏସ୍‌ପି କଲ୍ୟାଣସିଂହପୁର ବ୍ଲକ୍ ପାର୍ସଲି ପଞ୍ଚାୟତ ଅନ୍ତର୍ଗତ ଆଦିମ ଜନଜାତି ବହୁଳ ଲମ୍ବା ଓ ଡଙ୍ଗାମାଟି ଗ୍ରାମ ପରିଦର୍ଶନକରି ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଅନ୍ତର୍ଗତ ଜନଜାତିଙ୍କ ଘର ବୁଲିବା ସହ ହିତାଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ବିଶେଷକରି ସେମାନେ ସ୍ୱାସ୍ଥ୍ୟସେବା ପାଉଛନ୍ତି କି ନାହିଁ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟଶସ୍ୟ ଦିଆଯାଉଛି କି ନାହିଁ, ଆଶା ଓ ଅଙ୍ଗନୱାଡି କର୍ମୀ ଅଞ୍ଚଳକୁ ନିୟମିତ ଆସୁଛନ୍ତି କି ନାହିଁ ବୋଲି ପଚାରି ବୁଝିଥିଲେ। ଏହି ଗ୍ରାମରେ ସୌରଚାଳିତ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବାରୁ ତାହା ଯଥେଷ୍ଟ ହେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ଏହି ଗ୍ରାମରେ ସର୍ଭେ କରାଯାଇ ଖୁବ୍‌ଶୀଘ୍ର ବିଦ୍ୟୁତ୍ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଥିଲେ। ଶୁକ୍ରବାରଠାରୁ କ୍ୟାମ୍ପ କରାଯାଇ ଆଧାର, ଜନ୍ମ ପ୍ରମାଣପତ୍ର ଓ ଜାତି ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ବିଡିଓ ମନୀଷା ଦାଶ ଲୋକଙ୍କୁ ସୂଚନା ଦେଇଥିଲେ। ଏହି ଅବସରରେ ଜିଲା ପୋଲିସ ତରଫରୁ ବୟସ୍କ ବ୍ୟକ୍ତିମାନଙ୍କ ନିମନ୍ତେ ଛତା, କମ୍ବଳ ଓ ଟି-ଶାର୍ଟ ଏବଂ ଶିଶୁମାନଙ୍କୁ ସ୍କୁଲ ବ୍ୟାଗ୍, ପାଣି ବୋତଲ ସହ ଶିକ୍ଷା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଜିଲାପାଳ ଓ ଏସ୍‌ପି ଜିଲାରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ପ୍ରଥମ ଥର ଉକ୍ତ ଅଞ୍ଚଳକୁ ଯାଇଥିବାରୁ ଆଦିମ ଜନଜାତି ସମ୍ପ୍ରଦାୟର ଲୋକେ ତାଙ୍କୁ ଦେଖି ଖୁସି ପ୍ରକଟ କରିବା ସହ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହା ମାଓବାଦୀପ୍ରବଣ ଅଞ୍ଚଳ ହୋଇଥିବାରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।


ଜିଲାପାଳ,ଏସ୍‌ପିଙ୍କ ସହ ଅନ୍ୟମାନେ ପିଲାଙ୍କୁ ଶିକ୍ଷା ସାମଗ୍ରୀ ପ୍ରଦାନ କରୁଛନ୍ତି।

# ଟ୍ରକ୍ ମାଡ଼ିଯିବାରୁ ବାଳକ ମୃତ



ଦୁର୍ଘଟଣା ଘଟାଇଥିବା ଟ୍ରକ୍।

ରାୟଗଡା,୪ ।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ଟ୍ରାଫିକ ଛକ ନିକଟରେ ଗୁରୁବାର ଅପରାହ୍ନରେ ଟ୍ରକ୍ ମାଡିଯିବାରୁ ଜଣେ ୧୪ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୁଡ଼ାରି ଥାନା ଅନ୍ତର୍ଗତ ବେଲାମଗୁଡା ଗ୍ରାମର ବୈଦ୍ୟା କୌଶଲ୍ୟାଙ୍କ ପୁଅ ସାହିଲ କୌଶଲ୍ୟା।

ଘଟଣାରୁ ପ୍ରକାଶ ଯେ, ବେଲାମଗୁଡା ଗ୍ରାମର ବୈଦ୍ୟା ଓ ତାଙ୍କ ପୁଅ ସାହିଲ ରାୟଗଡ଼ାରୁ କାମ ସାରି ନିଜ ବାଇକ ନମ୍ବର (ଓଡ଼ି ୧୮ଏଚ-୪୯୦୦) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଜେକେପୁର ଟ୍ରାଫିକ ଛକ ନିକଟରେ ପଛପଟୁ ଏକ ମାଲ ବୋଝେଇ ଟ୍ରକ ନମ୍ବର (ଡବ୍ଲ୍ୟୁବି୧୧-୬୫୧୧) ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସାହିଲ ବାଇକ୍‌ରୁ ଛିଟକି ରାସ୍ତା ଉପରେ ପଡ଼ିବା ସମୟରେ ତାଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ସାହିଲଙ୍କ ମୃତ୍ୟୁ ଘଟିଛି। ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଫେରାର ହୋଇଯାଉଥିବା ବେଳେ ପୋଲିସ ତାକୁ ଭୁଜବଳ ନିକଟରେ ଅଟକାଇବା ସହ ଡ୍ରାଇଭରଙ୍କୁ ଗିରଫ କରିଛି।

# ଆଜି ଗୁଣପୁର ଆସିବନି ରାଜ୍ୟରାଣୀ ଏକ୍ସପ୍ରେସ

ଗୁଣପୁର,୪।୭(ପ୍ରଦୀପ କୁମାର ପାଢୀ)

ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ ଶୁକ୍ରବାର ଗୁଣପୁର ଆସିବ ନାହିଁ। ପଲାସାଠାରୁ ନିର୍ଦ୍ଧାରିତ ସମୟରେ ଏହା ରାଉରକେଲା ଅଭିମୁଖେ ଯାତ୍ରା କରିବ ବୋଲି ଜଣାପଡିଛି। ସେହିପରି ବିଶାଖାପାଟଣା ଗୁଣପୁର ବିଶାଖାପାଟଣା ଟ୍ରେନ ଉଭୟ ପଟୁ ଚଳାଚଳ ବନ୍ଦ ରହିବ। ତେବେ କଟକ ଗୁଣପୁର କଟକ ମେମୁ ଏବଂ ପୁରୀ ଗୁଣପୁର ପୁରୀ ଟ୍ରେନ ସବୁଦିନ ପରି ଚଳାଚଳ କରିବ ବୋଲି ରେଲୱେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ବିଶାଖାପାଟଣା ଡିଭିଜନ ତଥା ନୌବଡା ଗୁଣପୁର ରେଳରାସ୍ତାର ପୁଣ୍ଡି ଷ୍ଟେଶନରେ ଓଭର ବ୍ରିଜ କାର୍ଯ୍ୟ ପାଇଁ କେତକ ଟ୍ରେନ ଚଳାଚଳ ବନ୍ଦ ହେବା ସହ ଗତିପଥ ପରିବର୍ତ୍ତନ ହୋଇଥିବା କୁହାଯାଇଛି।

# ମୁଦ୍ରାଋଣ ନାଁରେ ୭୦ହଜାରରୁ ଉର୍ଦ୍ଧ୍ୱ ଠକେଇ

ରାୟଗଡ଼ା,୪।୭(ଆଶିଷ ରଞ୍ଜନ ପଣ୍ଡା)

**ହୋଇପାରୁନି ସାଇବର ଅପରାଧ ନିୟନ୍ତ୍ରଣ**

ଦେଶ ଡିଜିଟାଲ ପ୍ରକ୍ରିୟାରେ ଯେତିକି ଆଗୋଉଛି, ଲୋକେ ସାଇବର ଅପରାଧର ଶିକାର ମଧ୍ୟ ହେଉଛନ୍ତି। ବିଶେଷକରି ସୋସିଆଲ ମିଡିଆ ମାଧ୍ୟମରେ ଭିନ୍ନ ଭିନ୍ନ ପ୍ରକାରରେ ଲୋକେ ସାଇବର ଠକେଇର ଶିକାର ହେଉଥିବା ଅଭିଯୋଗ ଆସୁଛି। ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ଭଳି ସୋସିଆଲ ମିଡିଆର ଭଏସ୍ କଲ୍‌କରି କାହାକୁ ମୁଦ୍ରା ଲୋନ୍ ତ ଆଉ କାହାକୁ କ୍ରେଡିଟ କାର୍ଡ ନାଁରେ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି ସାଇବର ଅପରାଧୀ। ଏହିଭଳି ଏକ ସାଇବର ଠକେଇର ଶିକାର ହୋଇଛନ୍ତି ରାୟଗଡ଼ା ସହରର ଜଣେ ବ୍ୟକ୍ତି। ମୁଦ୍ରାଋଣ ଦେବା ନାଁରେ ୭୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଶୋକ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଛନ୍ତି।

ଅଶୋକଙ୍କ କହିବାନୁସାରେ, ଗତ ଜୁନ୍ ଶେଷରେ ଜଣେ ବ୍ୟକ୍ତି ତାଙ୍କୁ ମୁଦ୍ରା ଲୋନ ସୁବିଧା କରିଦେବେ ବୋଲି କହିଥିଲେ। ଅଶୋକ ନିଜ ଆବଶ୍ୟକ ଅନୁସାରେ ୫୦ ହଜାର ଟଙ୍କା ଲୋନ୍ ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହିଥିଲେ। ଉକ୍ତ ବ୍ୟକ୍ତିଙ୍କ କହିବାନୁସାରେ ଅଶୋକ ନିଜର ଆଧାର କାର୍ଡ, ପାନ୍ କାର୍ଡ ଏବଂ ବ୍ୟାଙ୍କ ପାସ୍‌ବୁକ୍ ଫଟୋ ପଠାଇଥିଲେ। ଏହାପରେ ଲୋନ ପ୍ରୋସେସିଂ ଫି ପାଇଁ ଅଶୋକ ତାଙ୍କୁ ୟୁପିଆଇ ମାଧ୍ୟମରେ ପ୍ରଥମେ ୧୨୫୦ ଟଙ୍କା ଏବଂ ପରବର୍ତ୍ତୀ ସମୟରେ ୨ ହଜାର, ୪୫୮୯, ୯୯୯୯ ଏହିଭଳି କରି ପ୍ରାୟ ୭୧ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପଠାଇଥିଲେ ମଧ୍ୟ ଲୋନ ପାଇ ନ ଥିଲେ। ତେବେ ଗୁରୁବାର ଲୋନ ଦେବା ଆଳରେ ଆଉ ୧୫ ହଜାର ଟଙ୍କା ମାଗିଥିଲେ ସମ୍ପୃକ୍ତ ସାଇବର ଅପରାଧୀ । ଏଭଳିକି ଉକ୍ତ ସାଇବର ଅପରାଧୀ ଜଣକ ଏକ ଅଫିସରେ ବସିଥିବା ବ୍ୟକ୍ତିଙ୍କ ଫଟୋ, ଆଧାର କାର୍ଡ ଏବଂ ପାନ୍ କାର୍ଡ ଅଶୋକଙ୍କୁ ପଠାଇ ନିଜର ପରିଚୟ ଦେଇଥିଲେ। ଉକ୍ତ ଆଧାର କାର୍ଡରେ ବ୍ୟକ୍ତିଙ୍କ ନାମ ପଙ୍କଜ ସିଂ ବାହାଦୁରିଆ ରହିଥିବା ବେଳେ ଦୁଇଟି ଆଇ କାର୍ଡରେ ଭିନ୍ନ ଫଟୋ ଏବଂ ନାମ ରହିଛି। ତେବେ ୫୦ ହଜାର ଟଙ୍କା ଲୋନ୍ ପାଇଁ ବର୍ତ୍ତମାନ ସୁଦ୍ଧା ୭୧ହଜାର ଟଙ୍କା ହରାଇଥିବା ଅଶୋକ ତାଙ୍କର ଜଣେ ବନ୍ଧୁଙ୍କୁ ଏହି ବିଷୟରେ କହିବା ପରେ ସେ ଠକେଇର ଶିକାର ହୋଇଥିବା ସନ୍ଦେହରେ ଅଶୋକଙ୍କୁ ପୋଲିସରେ ଏତଲା ଦେବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଲୋନ ପାଇଁ ଧାରଉଧାର କରି ଟଙ୍କା ଦେଇଥିବାରୁ ଅଶୋକ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ଜନସଚେତନତା ଅଭାବରୁ ଲୋକେ ସାଇବର ଠକେଇର ଶିକାର ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସାଇବର ଅପରାଧ ନିୟନ୍ତ୍ରଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଏଭଳି ଠକେଇ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।

# ୫ ବର୍ଷ ପରେ ନିଖୋଜ ଯୁବକ ଘରକୁ ଫେରିଲେ

ଗୁଣପୁର,୪।୭ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ରାମନାଗୁଡା ବ୍ଲକ ଗୁଲୁମୁଣ୍ଡା ଅଞ୍ଚଳର ଉପେନ୍ଦ୍ର କାଡ୍ରକା ନାମକ ଜଣେ ବ୍ୟକ୍ତି ନିଖୋଜ ହେବାର ୫ ବର୍ଷ ପରେ ଗତ ମଙ୍ଗଳବାର ଘରକୁ ଫେରିଛନ୍ତି। ୨୦୨୦ରେ ନିଖୋଜ ଉପେନ୍ଦ୍ର ଗତ ୨ ତାରିଖରେ ଘରକୁ ଫେରିବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି।

ଗତ ଫେବ୍ରୁଆରୀ ୨୯ରେ ଚେନ୍ନାଇର ଇଗମୋର ଷ୍ଟେଶନରେ ଯୁବକ ଜଣଙ୍କ ପଡି ରହିଥିଲେ। ସେଠାକାର ଏକ ସଂସ୍ଥା ଏ ସମ୍ପର୍କରେ ଖବର ପାଇବା ପରେ ସାମାଜିକକର୍ମୀ ଜାକବଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଯୁବକ ଜଣଙ୍କ ମାନସିକ ବିକୃତ ଥିବାରୁ ସେଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଠିକ ହେବା ପରେ ଉପେନ୍ଦ୍ର ତାଙ୍କ ଘରର ଠିକଣା କହିବାରୁ ସଂସ୍ଥା ପକ୍ଷରୁ ଗୁଲୁମୁଣ୍ଡା ପଞ୍ଚାୟତ ସଭାପତି ଓ ଉପେନ୍ଦ୍ରଙ୍କ ବଡ ଭାଇ ରାଜେନ୍ଦ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା। ମଙ୍ଗଳବାର ଉପେନ୍ଦ୍ରଙ୍କ ଭାଇ ଯୋଗେନ୍ଦ୍ର ଏବଂ ରାଜେନ୍ଦ୍ର ଚେନ୍ନାଇରେ ପହଞ୍ଚି ତାଙ୍କୁ ଘରକୁ ଆଣିଥିଲେ। ପରିବାରଲୋକଙ୍କ କହିବା ଅନୁଯାୟୀ, ଉପେନ୍ଦ୍ରଙ୍କ ମାନସିକ ଅବସ୍ଥା ଠିକ ନ ଥିବାରୁ ତାଙ୍କୁ କୋଏମ୍ବାଟୁରରେ ଚିକିତ୍ସା କରାଯାଉଥିବାବେଳେ ସେ ସେଠାରୁ କେଉଁଆଡେ ଚାଲିଯାଇଥିଲେ। ଦୀର୍ଘବର୍ଷଧରି ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା।


ଉପେନ୍ଦ୍ର କାଡ୍ରକା।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବନ ମହୋତ୍ସବ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପକ।

ଗୁଣପୁର, ୪।୭(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବନ ମହୋତ୍ସବ କାଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ମିଳିତ ଭାବେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା, ରେଜିଷ୍ଟ୍ରାର ଡ. ଏନ୍‌ଭି ଜଗନ୍ନାଧା ରାଓ, ସ୍କୁଲ ଅଫ୍ ଇଞ୍ଜିନିୟରିଂର ଡିନ୍ ଡ. ଏବି ଶ୍ରୀନିବାସ ରାଓ, ପରୀକ୍ଷା ନିୟନ୍ତ୍ରକ ଡ. ପି. ବିଜୟ କୁମାର ପ୍ରମୁଖ ଯୋଗଦେଇ ପ୍ରଥମେ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଗୁଣପୁର ବନ ବିଭାଗର ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ର , ବନପାଳ ଶିବାନୀ ପାତ୍ର , ବନରକ୍ଷୀ ସସ୍ମିତା ପାତ୍ର, ସ୍ୱପ୍ନା ବାଉରୀ, ରାମକୃଷ୍ଣ ନାୟକ, ରତ୍ନମାଳା ହିଆଲା ଓ ସୂର୍ଯ୍ୟନାରାୟଣ ମହାଙ୍କୁଡ ପ୍ରମୁଖ ଉପସ୍ଥିତ ରହିଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରେମସନୁ ଶେଖର ରଥ ୟୁନିଟ୍-୧, ଘନିଷ୍ଠା ପୃଷ୍ଟି ୟୁନିଟ୍-୨, ବାଣୀ ପ୍ରସାଦ ନାୟକ, ପ୍ରମୋଦ ରଞ୍ଜନ ପଣ୍ଡା, ସେବା ଯୋଜନାର ସମସ୍ତ ସଦସ୍ୟ, କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ସମର ଶିକ୍ଷାର୍ଥୀ ବାହିନୀର ସିଟିଓ ଡ . ତାପସ ପାଣିଗ୍ରାହୀଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇ ଚାରା ରୋପଣ କରିଥିଲେ ।

# ଚାରାରୋପଣ କଲେ ଉପ ଜିଲାପାଳ

ଚନ୍ଦ୍ରପୁର,୪।୭ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ବନ ବିଭାଗ ପକ୍ଷରୁ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଉପଜିଲାପାଳ କୀରନଦୀପ କୌର ସାହୋଟା ଯୋଗଦେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ, ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ଚନ୍ଦ୍ରପୁର ସଦର ବନ ବିଭାଗର ବନପାଳ, ବନରକ୍ଷୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ର ଉପସ୍ଥିତ ରହି ଗୋଟିଏ ଲେଖାଏଁ ଚାରାରୋପଣ କରିଥିଲେ।

# ବହୁଭାଷୀ ବିଷୟଭିତ୍ତିକ ପ୍ରଶିକ୍ଷଣ ଶିବିର

ରାୟଗଡ଼ା, ୪ ।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ଭାକୁରଗୁଡା ଆଶ୍ରମ ବିଦ୍ୟାଳୟ ପରିସରରେ ପ୍ରାଥମିକସ୍ତରରେ ବହୁଭାଷୀ ବିଷୟଭିତ୍ତିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ରାୟଗଡ଼ା ଶିକ୍ଷା ମଣ୍ଡଳାଧୀଶ ଶ୍ୟାମଘନ ଭୂୟାଁଙ୍କ ଅଧ୍ୟକ୍ଷତାରେ ୩ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଏସ୍‌ସି ଏସଟି ଆର୍‌ଟିଆଇ ସଂହତି କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ତଥା ଜନଜାତି ଗବେଷକ ଡ. ପରମାନନ୍ଦ ପଟେଲ ଯୋଗଦେଇ ବିଭିନ୍ନ ଅଞ୍ଚଳରେ ଜନଜାତି ଭାଷା ଭିତ୍ତିରେ ରହିଥିବା ଭିନ୍ନତା ଏବଂ ଏଥିଯୋଗୁ ଶିକ୍ଷାଦାନ ବେଳେ ହେଉଥିବା ସମସ୍ୟାର ସରଳ ସମାଧାନ ଦିଗରେ ଏଇ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେହିପରି ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଏଟିଏଲ୍‌ସିର କନିଷ୍ଠ ଗବେଷକ ଡ. ସଞ୍ଜୁକ୍ତା ମହାରଣା ପ୍ରାଥମିକ ଶ୍ରେଣୀରେ ବହୁଭାଷୀ ଶ୍ରେଣୀ କକ୍ଷରେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ତା'ର ସଫଳ ସମାଧାନ ଦିଗରେ ଏଇ ତାଲିମର ଉପଯୋଗିତା ଉପରେ କହିଥିଲେ। ଏଥିରେ ଜିଲାର କାଶୀପୁର, ରାୟଗଡ଼ା, କଲ୍ୟାଣସିଂପୁର, କୋଲନରା ଏବଂ ମୁନିଗୁଡ଼ା ୫ଟି ବ୍ଲକରୁ ବିଭିନ୍ନ ଆବାସିକ ବିଦ୍ୟାଳୟର ୫୦ ଜଣ ଶିକ୍ଷୟତ୍ରୀ ଶିକ୍ଷକ ପ୍ରଶିକ୍ଷଣରେ ଯୋଗଦାନ କରିଛନ୍ତି । ରାଜ୍ୟ ସାଧନକର୍ମୀ ଡ. ଦ୍ୱିତୀଚନ୍ଦ୍ର ସାହୁ ଏବଂ ତ୍ରିପତି ହିକକା ତାଲିମ ପ୍ରଦାନ କରୁଛନ୍ତି ।


ଅତିଥିମାନେ ବହୁଭାଷୀ ବିଷୟରେ ଆଲୋଚନା କରୁଛନ୍ତି।

# ପରିବେଶ ସୁରକ୍ଷା ନେଇ ଆଲୋଚନାଚକ୍ର

ରାୟଗଡା,୪।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ୍ ମାଟିକଣା ହାଇସ୍କୁଲରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ 'ମାଆଙ୍କ ନାମରେ ବୃକ୍ଷଟିଏ' କ୍ରମରେ ବୁଧବାର ଚାରାରୋପଣ କରାଯାଇଛି। ଏହି ଅବସରରେ ପରିବେଶ ସୁରକ୍ଷା ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକ, ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାରୀ ଏବଂ ବନପାଳ କୁନା ବେହେରାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ପରେ ସ୍କୁଲ ପରିସରରେ ୧୦୦ଟି ଚାରା ରୋପଣ କରାଯାଇଥିଲା। ଚାରା ରୋପଣ କାର୍ଯ୍ୟକ୍ରମରେ ମାଟିକଣା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକ, ଶିକ୍ଷକ ଏବଂ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ରାୟଗଡ଼ା ବନାଞ୍ଚଳ ଅଧିକାରୀ,ବନପାଳ ଏବଂ କମ୍ପୁରୁଲୁପେଟା ସେକ୍ସନର ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ।


ବନାଞ୍ଚଳ ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି।

# ଏସ୍‌ଏଚ୍‌ଜି ମହିଳାଙ୍କୁ ମାନପତ୍ର, ଯନ୍ତ୍ରପାତି ପ୍ରଦାନ

ଟିକିରି,୪।୭ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ବଡମାରିଭଟା ଗ୍ରାମରେ ଗୁରୁବାର ଇଡି ଆଇଆଇ ପକ୍ଷରୁ ଆଇଡିବିଆଇ ବ୍ୟାଙ୍କ ସହାୟତାରେ ଉଦ୍ୟୋଗୀ ଏସ୍‌ଏଚ୍‌ଜି ମହିଳାଙ୍କୁ ମାନପତ୍ର ସହ ଯନ୍ତ୍ରପାତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋରଖପୁର ନାଏବ ସରପଞ୍ଚ ବିରଜିନୀ ନାଏକ ମୁଖ୍ୟ ଅତିଥି, ସଂଯୋଜକ ପପୁନ କୁମାର ପ୍ରଧାନ ଉପସ୍ଥିତ ରହି ମହିଳା ଉଦ୍ୟୋଗୀଙ୍କୁ ମାଣ୍ଡିଆରେ ପ୍ରସ୍ତୁତ କେକ୍ ଓ ପିଠା ପ୍ରସ୍ତୁତ ପାଇଁ ଯନ୍ତ୍ରପାତି ସହ ଆସବାବପତ୍ର ଅଟା ମିଲ, ଓଭେନ ଓ ଅନ୍ୟାନ୍ୟ ବାସନ ସାମଗ୍ରୀ ପ୍ରଦାନ କରିଥିଲେ। ଉକ୍ତ ମହିଳାମାନେ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ପ୍ରାୟୋଜିତ ୧୮ ଦିନିଆ ମାଣ୍ଡିଆଭିତ୍ତିକ ସାମଗ୍ରୀ ପ୍ରସ୍ତୁତି ପାଇଁ ଏକ ଉନ୍ନୁକ୍ତ ପ୍ରଶିକ୍ଷଣ ନେଇଛନ୍ତି। ସେମାନେ ମାଣ୍ଡିଆରେ ଭଳିକି ଭଳି ସ୍ୱାଦିଷ୍ଟ ଖାଦ୍ୟ ମାଣ୍ଡିଆ ଲଡୁ, ନିମିକି, ମୁଡୁକି, ମିକଶ୍ଚର, କେକ୍, ପାଉଁରୁଟି ଆଦି ପ୍ରସ୍ତୁତକରି ବଜାରରେ ବିକ୍ରିକରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି । ଆଗାମୀ ଦିନରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ଚାହିଦା ବଢୁଥିବାରୁ ସେମାନେ ଏହି ଯନ୍ତ୍ରପାତିର ସଦୁପଯୋଗକରି ଆଗକୁ ବଢ଼ିବେ ବୋଲି ମହିଳାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଦିନକୁ ଦିନ ମାଣ୍ଡିଆର ଚାହିଦା ବଢ଼ିବା ସହ ଏହି ପ୍ରଶିକ୍ଷଣ ଓ ନିଃଶୁଳ୍କ ଯନ୍ତ୍ରପାତି ସହାୟତା ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ପ୍ରକଳ୍ପ ସଂଯୋଜକ ପପୁନ କୁମାର ପ୍ରଧାନ କହିଛନ୍ତି ।



ମାନପତ୍ର ସହ ତାଲିମ ନେଇଥିବା ମହିଳାମାନେ।

# ଅବହେଳିତ ଗାଁ ଇର୍ପିପୁଟ, ଚାଷଜମି ପାଲଟିଛି ରାସ୍ତା

ଟିକିରି, ୪।୭(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ପୋଡାପାଡି ପଞ୍ଚାୟତ ଅନ୍ତର୍ଗତ ଅବହେଳିତ ଗାଁ ହେଉଛି ଇର୍ପିପୁଟ। ଗାଁକୁ ଯିବାକୁ ସବୁଦିନିଆ ରାସ୍ତା ନାହିଁ। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ଅନ୍ୟ ଗ୍ରାମର କିଛି ବେସରକାରୀ ଚାଷଜମି ଦେଇ ଯାତାୟାତ କରୁଛନ୍ତି। ଖରାଦିନେ ଗ୍ରାମବାସୀ ଯେମିତି ହେଉ ଯିବାଆସିବା କରିପାରୁଥିଲେ। ହେଲେ ବର୍ଷାଦିନେ ଉକ୍ତ ରାସ୍ତାର ଦେଇ ଯିବାଆସିବା କରିବା କଷ୍ଟକର ହୋଇପଡ଼ିଛି। ଏଥିସହ ଚାଷୀ ଜଣକ ଅସ୍ଥାୟୀ ରାସ୍ତା ହୋଇଥିବା ଜମିକୁ ହଳ କରି ଚାଷ କରି ଦେଇଥିବାରୁ କାଦୁଅ ପଚପଚ ହୋଇପଡ଼ିଛି। ବର୍ଷା ହେଲେ ପାଦରେ ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ବର୍ଷା ୪ ମାସ ଇର୍ପିପୁଟ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଇର୍ପିପୁଟ ଗ୍ରାମରେ ୩୦ପରିବାରର ପ୍ରାୟ ୧୫୦ ଲୋକ ବସବାସ କରନ୍ତି। ଦିସାରିଗୁଡାଠାରୁ ଖଜୁରୀଗୁଡା ଯିବା ଆରଡି ରାସ୍ତାରେ ୨ କି.ମି ଗଲାପରେ ବାମକୁ ଇର୍ପିପୁଟ ଗାଁକୁ ଯିବା ପାଇଁ ରାସ୍ତାର ଏକ ବୋର୍ଡ ଲାଗିଛି । କିନ୍ତୁ ବାସ୍ତବରେ ଏହି ଗାଁକୁ ଯିବା ପାଇଁ ସବୁଦିନିଆ ରାସ୍ତା ନାହିଁ। ଚାଷଜମି ଦେଇ ମାଟି କାଦୁଅ ପଚପଚ ରାସ୍ତାରେ ଦେଢ କିମି ଗଲାପରେ ପଡେ ଏହି ଗାଁ। ବର୍ଷା ଦିନ ଏହି ଗାଁକୁ ଯିବା ବହୁତ କଷ୍ଟକର। କୌଣସି ନିତ୍ୟ ବ୍ୟବହାର ଜିନିଷ ହେଉ କିମ୍ବା ବାର୍ଦ୍ଧକ୍ୟ ଭତ୍ତା, ମେଡିକାଲ ସେବା କିମ୍ବା ପିଲାମାନେ ସ୍କୁଲ ଯିବାକୁ ହେଲେ ଏହି କାଦୁଅ ପଚପଚ ରାସ୍ତା ହିଁ ଏକମାତ୍ର ଭରସା। ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଫଳରେ ବାଧ୍ୟ ହୋଇ ବର୍ଷ ବର୍ଷ ଧରି ଅଭିଶପ୍ତ ଜୀବନ ବିତାଇବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଚାଷ ଜମି ଦେଇ ଯାଇଥିବା ରାସ୍ତା।

# ଝରିଗାଁ ବ୍ଲକରୁ ଫାଇଲ ଆଣିଲା ଭିଜିଲାନ୍ସ

**ନବରଙ୍ଗପୁର,୪।୭(ସଦାଶିବ ପ୍ରହରାଜ)**



## ଜିଲ୍ଲାରେ ବ୍ୟକ୍ତିଗତ ପାଇଖାନା ଦୁର୍ନୀତି ଘଟଣାର ତଦନ୍ତ ଆରମ୍ଭ

■ ଜିଲ୍ଲାରେ ୨ ଲକ୍ଷ ୭୦ହଜାର ପାଇଖାନା ନିର୍ମାଣରେ ୩ ଶହ କୋଟି ୨୫ ଲକ୍ଷ ଟଙ୍କାର ଦୁର୍ନୀତି ଅଭିଯୋଗ

ନବରଙ୍ଗପୁର ଜିଲାରେ ବ୍ୟକ୍ତିଗତ ପାଇଖାନା ଦୁର୍ନୀତି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତେବେ ଜିଲାରେ ୨ ଲକ୍ଷ ୭୦ ହଜାର ପାଇଖାନା ନିର୍ମାଣରେ ୩ ଶହ କୋଟି ୨୫ ଲକ୍ଷ ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଥିଲା। ବିଶେଷଭାବେ ଝରିଗାଁ ବ୍ଲକ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଗୁରୁବାର ଭିଜିଲାନ୍ସ ଡିଏସ୍‌ପି ଜୟଶ୍ରୀ ପ୍ରଧାନ ଓ ଷ୍ଟେନୋ ଝରିଗାଁ ବ୍ଲକ୍‌ରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଫାଇଲ ଆଣିଛନ୍ତି। ଦୁର୍ନୀତି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ବୋଲି ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସର୍କିଟ ହାଉସ୍‌ରେ ଖବରଦାତାଙ୍କୁ ସମ୍ବୋଧନକରି କହିଥିଲେ।

ଝରିଗାଁ ବ୍ଲକ୍‌ରେ ୨୦୧୯-୨୦୨୦ ଓ ୨୦୨୦-୨୧ରେ ୧୨, ୪୪୯ ବ୍ୟକ୍ତିଗତ ପାଇଖାନା ନିର୍ମାଣରେ ୧୪ କୋଟି ୯୩ ଲକ୍ଷ ୮୮ ହଜାର ଟଙ୍କା ହିତାଧିକାରୀଙ୍କ ନାମରେ ବିଲ୍ ହୋଇଥିଲା। ସେହି ସମୟର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି କଂଗ୍ରେସରେ ଥିବାବେଳେ ଜିଲାରେ ୧୦ଟି ବ୍ଲକ୍‌ରେ ୩୨୫ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଥିଲେ। ହିତାଧିକାରୀଙ୍କ ଘରେ ପାଇଖାନା ନିର୍ମାଣ ନ ହୋଇ ବିଲ୍ କରାଯାଇଛି। ଝରିଗାଁ ବ୍ଲକରେ ଅଧିକ ଦୁର୍ନୀତି ହୋଇଥିବା ସେ କହିଥିଲେ। ଏହାପରେ ଘଟଣାର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଥିଲା। ତତ୍କାଳୀନ ବିଡିଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଭାଜପା ମଧ୍ୟ ଏହି ପାଇଖାନା ଦୁର୍ନୀତି ଘଟଣାକୁ ନେଇ ପ୍ରଶ୍ନ ଉଠାଇଥିଲା। ରାଇଘର ବ୍ଲକ୍‌ରେ ମଧ୍ୟ ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ବିଜେଡି ପକ୍ଷରୁ ତତ୍କାଳୀନ ଏମ୍‌ପି ରାମେଶ ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲା। ଉମରକୋଟ ଭାଜପା ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ଟାର୍ଗେଟ କରିଥିଲା ବିଜେଡି। ପରବର୍ତ୍ତୀ ସମୟରେ ପ୍ରଦୀପ ବିଜେଡିର ଯୋଗଦେବା ପରେ ପାଇଖାନା ଦୁର୍ନୀତି ବିରୋଧରେ ସ୍ୱର ଉଠାଇଲେ ନାହିଁ। ଝରିଗାଁ, କୋଷାଗୁମୁଡା ଓ ରାଇଘର ବ୍ଲକ୍‌ରେ ଭିଜିଲାନ୍ସ ବ୍ୟକ୍ତିଗତ ପାଇଖାନା ଦୁର୍ନୀତିର ତଦନ୍ତ ଆରମ୍ଭ କରିଥିଲା।

ରାଇଘର ବ୍ଲକ୍‌ରେ ୪୧ କୋଟି ୬୦ ଲକ୍ଷ ୪୦ ହଜାର ଖର୍ଚ୍ଚ କରାଯାଇ ମୋଟ ୩୪, ୫୦୫ଟି ପାଇଖାନା ନିର୍ମାଣ କରାଯାଇଥିଲା। ରାଇଘର, ଗଞ୍ଜାପରା, ପରୁଆ, ଟିମନପୁର, ତୁରୁଡ଼ି , ପରଚିପାରା, ନାକଟିସିମାଡ଼ା, ମୁଣ୍ଡିବେଡ଼ା ପଞ୍ଚାୟତରେ ବେନିୟମ ଭାବରେ ପାଇଖାନା ତିଆରି କରାଯାଇଛି ବୋଲି ବିଜେଡି ଅଭିଯୋଗ କରିଥିଲା। ସରକାରଙ୍କ ନିର୍ଦ୍ଦେଶାବଳୀ ଓ ଜିଲା ଜଳ ଏବଂ ପରିମଳ ମିଶନ ନିର୍ଦ୍ଦେଶନାମାକୁ ବେଖାତିର କରି ରାଇଘର ପଞ୍ଚାୟତର ବିଭିନ୍ନ ଗ୍ରାମର ବିପିଏଲ୍ ହିତାଧିକାରୀଙ୍କ ପାଇଖାନା ଅର୍ଦ୍ଧନିର୍ମିତ ଅବସ୍ଥାରେ ଛାଡ଼ି ଦିଆଯାଇ ୧୨ କୋଟି ଟଙ୍କାର ଆତ୍ମସାତ ଅଭିଯୋଗ ହୋଇଥିଲା। ରାଇଘର ବ୍ଲକ୍‌ରେ ପାଇଖାନା ନିର୍ମାଣରେ ହୋଇଥିବା ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ବିଜେଡି ଦାବି କରିଥିଲା। ଏହାର ଜବାବରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ ବିଜେଡି ଦାବିକୁ ସ୍ୱାଗତ କରାଯିବା ସହ ଦୁର୍ନୀତି ତଦନ୍ତ କରିବାକୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ଜିଲାରେ ୨ ଲକ୍ଷ ୭୦ ହଜାର ପାଇଖାନା ନିର୍ମାଣରେ ୩ ଶହ ୨୫ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ବିଭିନ୍ନ ସମୟରେ ପ୍ରଦୀପ ଖବରଦାତା ସମ୍ମିଳନୀରେ କହିଥିଲେ। ଦୁର୍ନୀତିରେ କିଏ ସମ୍ପୃକ୍ତ ତାହାର ସିବିଆଇ ତଦନ୍ତ କରିବାକୁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଏମ୍‌ପି ବଳଭଦ୍ର ମାଝି ଦାବି କରିଥିଲେ। ତଦନ୍ତ କେତେଦୂର ଯାଉଛି ତାହା ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ସ୍କୁଲ ଜମି ହଡ଼ପ ପ୍ରତିବାଦରେ ଦାବିପତ୍ର



ମାପଚୁପ କରିବାକୁ ଆସିଥିବା ଅଧିକାରୀ।

**ନନ୍ଦାହାଣ୍ଡି, ୪।୭(ପ୍ରତୀପ କୁମାର ଦାଶ)**

## ତହସିଲଦାରଙ୍କ ତ୍ୱରିତ ପଦକ୍ଷେପ ପରେ ସମସ୍ୟାର ସମାଧାନ

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଏକମ୍ବା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ପଡିଆକୁ ନନ୍ଦ ହରିଜନ ଟ୍ରାକ୍ଟର ଲଙ୍ଗଳ ଲଗାଇଛନ୍ତି। ଗୁରୁବାର ତହସିଲଦାର, ବିଇଓ ଓ ଡଙ୍ଗରଭେଜା ଫାଣ୍ଡି ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ଗ୍ରାମବାସୀ ଜଣାଇଥିଲେ। ତହସିଲଦାର ଡଃ ବନମାଳୀ ମେହେର ତ୍ୱରିତ ପଦକ୍ଷେପ ନେଇ ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେଣିଆ, ରାଜସ୍ୱ ପରିଦର୍ଶକ ମହମ୍ମଦ ଜାଭେଦ, ଅତିରିକ୍ତ ରାଜସ୍ୱ ନୀରିକ୍ଷକ ମଞ୍ଜୁଲତା ନାୟକ, ଅମିନ ଲୋକେଶ ମଣ୍ଡଳ ଓ ପ୍ରଦୀପ ବିଷୋୟୀଙ୍କୁ ପଠାଇ ଉକ୍ତ ଜମି ମାପ କରାଇଥିଲେ। ସ୍କୁଲ ଜମି ଚିହ୍ନଟ କରିବା ସହ ନନ୍ଦ ହରିଜନଙ୍କୁ ଏହି ଜାଗାରେ ଲଙ୍ଗଳ ନ ଲଗେଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜମି ମାପଚୁପ ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍ତମା ହରିଜନ, ବିଦ୍ୟାଳୟ ସମସ୍ତ ଶିକ୍ଷକ, ଗ୍ରାମବାସୀ ଗଣେଶ ବିଷୋୟୀ, ବୃନ୍ଦାବନ ତ୍ରିପାଠୀ, ଡମ୍ବୁ ହରିଜନ, ଦେବେନ୍ଦ୍ର ଦୋରା, ସୁଧା ହରିଜନ, ରାମଚନ୍ଦ୍ର ପାଣିଗ୍ରାହୀ, ଚନ୍ଦ୍ରସେନ ପୂଜାରୀ ଓ ନରେନ୍ଦ୍ର ଅମନାତ୍ୟ ଉପସ୍ଥିତ ଥିଲେ।

ସୂଚନାନୁଯାୟୀ, ପୂର୍ବରୁ ପଡ଼ିଆଟିକୁ ରାଜସ୍ୱ ବିଭାଗ ଦ୍ୱାରା ମପା ଯାଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା। କିଛି ଦିନ ପୂର୍ବରୁ ନନ୍ଦ ହରିଜନ ଏହି ପଡ଼ିଆକୁ ନିଜ ଅକ୍ତିଆର କୁ ନେବା ପାଇଁ ଚେଷ୍ଟା କରୁଥିବାରୁ ଏକମ୍ବା ଗ୍ରାମବାସୀ ନନ୍ଦାହାଣ୍ଡି ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭୂ - ଲେଖ ରେକର୍ଡ ଅନୁସାରେ ଏକମମ୍ବା ମୌଜା ଅଧୀନ ରେ ଖାତା ନଂ. ୮୧୩/୧ ରେ ଚାରି ଗୋଟି ପ୍ଲଟ ହୋଇ ଏ.୦.୭୪ ଡି. ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାମରେ ରହିଛି। ଅନ୍ୟ ଏକ ଖାତା ନଂ. ୮୦୮ ରେ ଦୁଇ ପ୍ଲଟ ହୋଇ ଏ.୧.୭୧ ଡି. ରହିଛି। ଏହି ଖାତାର ପ୍ଲଟ ନଂ.୧୪୦୬ ର ମୋଟ ଏ. ୧.୦୬ ଡି. ଖେଳ ପଡିଆ ଭାବେ ବ୍ୟବହାର ହୋଇଆସୁଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘର ଦାବିପତ୍ର



ମୁଖ୍ୟମନ୍ତ୍ରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

**ନବରଙ୍ଗପୁର,୪।୭(ସଦାଶିବ ପ୍ରହରାଜ)**

ଅବିଭକ୍ତ କରାପୁଟ ଜିଲାର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗଣଶିକ୍ଷା ତଥା ଆଦିବାସୀ ହରୀଜନ ଓ ସମାଜ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, ଝରୀଗାଁ ବିଧାୟକ ନରସିଂହ ଭତ୍ରା, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଓ ମାଲକାନାଗିରି ବିଧାୟକ ନରସିଂ ମାଡକାମିଙ୍କ ନିକଟରେ ଅବିଭକ୍ତ କୋରାପୁଟର ୪ଟି ଜିଲାର ବିଭିନ୍ନ ସମସ୍ୟା ନେଇ ଦାବି ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଇ ସମାଧାନ କରାଯିବ ବୋଲିପ୍ରତିଶ୍ରୁତିଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। ସମସ୍ତ ବ୍ଲକରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିବା ସୂଚନା ଦିଆଯାଇଛି। ସେହିପରି ଭାବେ ପେସା ଆଇନ ଲାଗୁ କରିବା ସହ ଜିଲା ଭିତ୍ତିକ ଚାକିରୀ, ଆଦିବାସୀଙ୍କ ଜମିକୁ ବନ୍ଧକ ରଖି ବ୍ୟବସାୟିକ ଓ ଗୃହ ଋଣ ପ୍ରଦାନ, ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଛୁଟି ଭାବେ ଘୋଷଣା କରିବା ନେଇ ଆଲୋଚନା ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ଟିମ୍‌ରେ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା, ସାଧାରଣ ସମ୍ପାଦକ ଟିବୁ ସାରକା, ସଂଯୋଜକ ରାଜମନ୍ ଭତରା, ମୁଖ୍ୟସଚେତକ ରବିନ୍ଦ୍ର ନାଥ ମାଢ଼ି, ନବରଙ୍ଗପୁର ଜିଲା ଜନଜାତୀ ସୁରକ୍ଷା ମଞ୍ଚ ସଭାପତି ଗୋପିନାଥ ମାଝି, ସମ୍ପାଦକ ଲଛମନ ମାଝି, ସଂଗଠନ ସମ୍ପାଦକ ଲକ୍ଷ୍ମୀ ପ୍ରାସ୍କା, ଘାସିରାମ ମାଝି ଓ ବୁଦ୍ଧୁ କଣ୍ଡାଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲୀ ଛତୁ ଖାଇ ୪ ଗୁରୁତର

**ପାପଡ଼ାହାଣ୍ଡି,୪।୭(ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସାନବାର୍ଲି ପଞ୍ଚାୟତ ବଡ଼ବାର୍ଲି ଗ୍ରାମରେ ଜଙ୍ଗଲୀ ଛତୁ ଖାଇ ଖାଡାବାନ୍ତିରେ ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ ବଡ଼ବାର୍ଲି ଗ୍ରାମର କୁନୁ ଯାନୀଙ୍କ ପରିବାର ଲୋକେ ସକାଳୁ ଗାଁ ଜଙ୍ଗଲ କୁ ଯାଇ ଛତୁ ନେଇ ଆସିଥିଲେ। ପରେ ତାହାକୁ ରୋଷେଇ କରି ପରିବାର ଲୋକେ ଖାଇଥିଲେ। ଖାଇସାରିବା କିଛି ଘଣ୍ଟା ପରେ ଆଶାରାମ ଯାନୀ, ସୁଶାନ୍ତ ଯାନୀ, ଦେସୁ ଯାନୀ, କୁନୁ ଯାନୀଙ୍କର ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଅନ୍ୟମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ମଇଦଲପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କୌଣସି ଡାକ୍ତର ନ ଥିବାରୁ ସେମାନଙ୍କୁ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକନ୍ଦ୍ରକୁ ନିଆଯାଇଛି। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

# ଜିଲାକୁ ସ୍ୱାସ୍ଥ୍ୟକର, ସକ୍ଷମ, ସମୃଦ୍ଧ କରି ଗଢ଼ିବାକୁ ଶପଥ

**ନବରଙ୍ଗପୁର,୪।୭(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ସମ୍ପୂର୍ଣ୍ଣତା ଅଭିଯାନକୁ ସଫଳ କରିବା ନିମନ୍ତେ ଗୁରୁବାର ଜିଲା ଓ ବ୍ଲକସ୍ତରୀୟ ସରକାରୀ କାର୍ଯ୍ୟାଳୟ, ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ଅଧିକାରୀ, କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ର ଶପଥପାଠ କରିଥିଲେ। ଜଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଡଃ କମଳ ଲୋଚନ ମିଶ୍ର କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ଶପଥପାଠ କରାଇ ଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକଙ୍କ ସମେତ ଜିଲା ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଏବଂ ବ୍ଲକରେ ସମ୍ପୂର୍ଣ୍ଣତା ଅଭିଯାନର ସମସ୍ତ ଲକ୍ଷ୍ୟ ପୂରଣ ନେଇ କାର୍ଯ୍ୟ କରିବାକୁ କୁହାଯାଇଛି। ଜିଲା ଏବଂ ବ୍ଲକକୁ ସ୍ୱାସ୍ଥ୍ୟକର, ସକ୍ଷମ ଓ ସମୃଦ୍ଧି କରି ଗଢି ତୋଳିବାକୁ ସମସ୍ତେ ଶପଥ ନେଇଥିଲେ।

ଭାରତର ୧୧୨ ଜିଲା, ୫୦୦ ବ୍ଲକକୁ ନୀତି ଆୟୋଗ ଦ୍ୱାରା ଆକାଂକ୍ଷୀ ଜିଲା ଓ ବ୍ଲକ ଭାବରେ ଚୟନ କରାଯାଇଛି। ନବରଙ୍ଗପୁର ଜିଲା ଏବଂ ଡାବୁଗାଁ ଓ ତେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ଆବଶ୍ୟକ ସରକାରୀ ସେବା ଓ ସୁବିଧା ଗ୍ରାମାଞ୍ଚଳରେ ଯୋଗାଇବା ଲକ୍ଷ୍ୟ ରହିଛି। ଜୁଲାଇ ୪ରୁ ସେପ୍ଟେମ୍ବର ୩୦ ମଧ୍ୟରେ ଜିଲା ଏବଂ ବ୍ଲକର ୬ଟି ଇଣ୍ଡିକେଟରକୁ ଶତପ୍ରତିଶତ ପୂରଣ କରିବା ପାଇଁ ଲକ୍ଷ ରଖାଯାଇଛି।

ଜୁଲାଇ ୫ରେ ତେନ୍ତୁଲିଖୁଣ୍ଟି ବ୍ଲକରେ ଏହି ଅଭିଯାନର ସଚେତନତା କାର୍ଯ୍ୟକ୍ରମ କରାଯିବ। ଜୁଲାଇ ୬ରେ ନବରଙ୍ଗପୁର ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, କବିତା ପ୍ରତିଯୋଗିତା କରାଯିବ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।




ଜିଲାପାଳ ଶପଥପାଠ କରାଉଛନ୍ତି।

# ଜନସଂଖ୍ୟା ନିୟନ୍ତ୍ରଣ ନେଇ ପରିକ୍ରମା କରିବ ରଥ

**ଦାମନଯୋଡି,୪।୭ (ମାନସ ରଞ୍ଜନ କର)**

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନସଂଖ୍ୟା ସ୍ଥିରତା ପକ୍ଷ

କୋରାପୁଟ ବ୍ଲକ ଅଧୀନ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହୋଇଛି। ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏନେଇ ଏକ ସଚେତନତା ରଥକୁ ଡା. ଶିବପ୍ରସାଦ ସାହୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଏହି ରଥ ବ୍ଲକର ବିଭିନ୍ନ ଗ୍ରାମରେ ପ୍ରଚାର କରି ଲିଫଲେଟ ଓ ପୋଷ୍ଟର ମାଧ୍ୟମରେ ସଚେତନ କରିବ। ଜନସଂଖ୍ୟା ବୃଦ୍ଧି ଯୋଗୁ ହେଉଥିବା ସମସ୍ୟା, ସରକାରଙ୍କ ପକ୍ଷରୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଥିବା ବ୍ୟବସ୍ଥା ଆଦି ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯିବ। ଏଥିସହ ଆଶାକର୍ମୀମାନେ ଘରଘର ବୁଲି ଲୋକଙ୍କୁ ପରିବାର ନିୟୋଜନ ପାଇଁ ଥିବା ବ୍ୟବସ୍ଥା, ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ, ସୁବିଧା ସୁଯୋଗ ଆଦି ସମ୍ପର୍କରେ ସଚେତନ କରିବେ। ମହିଳା ଓ ପୁରୁଷଙ୍କୁ ଜୁଲାଇ ୧୧ରୁ ୨୪ ପର୍ଯ୍ୟନ୍ତ ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ହେଉଥିବା ସ୍ୱତନ୍ତ୍ର ଶିବିରକୁ ନେବେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ ଟପ୍ପୋଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ବିପିଏମ ନୂତନ ସିଂ, ପିଏଚଇଓ ବିଜୟ ଖିଲ, ସୁପରଭାଇଜର ମକର ଜାନିଙ୍କ ସହ ସିଏଚଓ, ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ

**କୋରାପୁଟ,୪।୭(ଅମିତାଭ ବେହେରା)**

କୋରାପୁଟ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ଡ. ଦୀପକ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଡିଜେଏମ୍ ଶ୍ରୀଚନ୍ଦନ ଦାଶ, ବରିଷ୍ଠ ସିଭିଲ ଜଜ୍ ଅଭୟ ଦାଶ, ସ୍ୱତନ୍ତ୍ର ଜୁଡିସିଆଲ ମାଜିଷ୍ଟ୍ରେଟ୍ ଗୟାଧର ପାଣିଗ୍ରାହୀ, ମୁନ୍‌ସିପ ସୁଧାବାଇ ଅଗ୍ରୱାଲ, ରେଞ୍ଜର ଏସ୍.କେ. ପାହାଡ଼ ସିଂ, ବାର୍ ଆସୋସିଏଶନ ଉପସଭାପତି ସଞ୍ଜୟ ଝା, ସମ୍ପାଦକ ସୁନୀଲ ଜେନା, ଆଇନଜିବୀ ଅଶୋକ ଷଡ଼ଙ୍ଗୀ , ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନିୟତି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହିଅବସରରେ ବିଦ୍ୟାଳୟ ପରିସରରେ ବଉଳ, ଚମ୍ପା ସମେତ ଶତାଧିକ ଚାରାରୋପଣ କରାଯାଇଥିଲା। ଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ରଚନା, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡେପୁଟି ରେଞ୍ଜର ସାବିତ୍ରୀ ନାୟକ, ଫରେଷ୍ଟର ଗୌତମ ବେହିଆ ସହଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ ଅଧ୍ୟକ୍ଷତା କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ଅରୁଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ

**ତେନ୍ତୁଳିଖୁଣ୍ଟି, ୪।୭(ଚିଦାନନ୍ଦ ସାହୁ)**

ମା' ଙ୍କ ନାମରେ ଗଛ ଟିଏ କାର୍ଯ୍ୟକ୍ରମ ଦେଶରେ ଆରମ୍ଭ ହୋଇଛି। ଓଡ଼ିଶାରେ ମିଶନ ଶକ୍ତି ବିଭାଗ ମଧ୍ୟ ଏହି କାର୍ଯ୍ୟକ୍ରମକୁ ହାତକୁ ନେଇଛି। ଏହି କାର୍ଯ୍ୟକ୍ରମ ସାକାର କରିବା ପାଇଁ ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ କରାଯାଉଛି। ତେନ୍ତୁଳିଖୁଣ୍ଟି ବନ ବିଭାଗ ଫରେଷ୍ଟର ରିତେଶ ସୁନା ଓ ଫରେଷ୍ଟଗାର୍ଡ ଆମ୍ବ, ଅଁଳା, ନିମ୍ବ, ଜଫରା ଆଦି ଚାରା ତେନ୍ତୁଳିଖୁଣ୍ଟି, ପରଜାବାରଙ୍ଗପଦର, କହ୍ନେଇମୁଣ୍ଡା, ଜଗନ୍ନାଥପୁର ଦହଣା ଆଦି ଗ୍ରାମରେ ଚାରା ବଣ୍ଟନ କରିଛନ୍ତି।

# ଭଙ୍ଗା, ପୁରୁଣା ଡଙ୍ଗାରେ ବାଜି ଲାଗୁଛି ଜୀବନ

**ଦଶମନ୍ତପୁର, ୪।୭ (ଅରବିନ୍ଦ ନାୟକ)**

## ନୂତନ ଡଙ୍ଗା ଦେବାକୁ ଅଞ୍ଚଳବାସୀଙ୍କ ଦାବି

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆରଶୁଣୀ ପଞ୍ଚାୟତର ଜଟିଆଗୁଡା ଗ୍ରାମ ନିକଟରେ ଥିବା ମୁରାନ ଡ୍ୟାମ ଜଳଭଣ୍ଡାରରେ ଚାଲିଥିବା ପୁରୁଣା କଣାହୋଇଯାଇଥିବା ଡଙ୍ଗାରେ ଲୋକେ ଜୀବନକୁ ବାଜି ଲଗାଇ ନଦୀପାର ହୋଇ ଯାତାୟାତ କରୁଛନ୍ତି। ଅନ୍ୟତ୍ର ଯାତାୟାତ ଲାଗି ରାସ୍ତା ସୁବିଧା ନ ଥିବାରୁ ଅଞ୍ଚଳବାସୀ ବାଧ୍ୟ ହୋଇ ବିଭିନ୍ନ ଅସୁବିଧା ସତ୍ତ୍ୱେ ଏପରି ଡଙ୍ଗା ଉପରେ ମାଣ୍ଡ୍ରା, ହିରୁଗୁଡା, କେନ୍ଦୁଗୁଡା, ଢେପଗୁଡା, ପାଇକ ପିଣ୍ଡାପଦର ଏବଂ ଚିଟିକାସିଲ ଗ୍ରାମବାସୀ ନିର୍ଭର କରୁଛନ୍ତି। ଏହି ଡଙ୍ଗାରେ ଜଜଟିଆ ଗୁଡା ନୁହେଁ, ନବରଙ୍ଗପୁର ଅଞ୍ଚଳର ଲୋକେ ମଧ୍ୟ ନିର୍ଭର କରନ୍ତି। ପ୍ରତ୍ୟେହ ବହୁ ସଂଖ୍ୟାରେ ଲୋକେ ଓ ବାଇକ୍ ଆରୋହୀ ଯାତାୟାତ କରନ୍ତି। ବରିଷ୍ଠ ନେତା ତପନ ହିଆଲ ଓ ସରପଞ୍ଚ ଭୁବନ ଜାନୀ କହିବା ଅନୁସାରେ ଗତ ୨୦୧୮ରେ ବହୁତ ଦାବି ପରେ ଜିଲା ପ୍ରଶାସନ ପକ୍ଷରୁ ୧୧ ଲକ୍ଷ ୭୪ ହଜାର ଟଙ୍କାରେ ଡଙ୍ଗା କ୍ରୟକରି ମୁରାନ ଡ୍ୟାମ୍ ଜଳଭଣ୍ଡାରକୁ ଯୋଗାଇଦେଇଥିଲେ। ଆଜକୁ ୬ ବର୍ଷ ହେଲା ଡଙ୍ଗା ଚାଲିଥିଲା। ଏଥିରେ ପଞ୍ଚାୟତବାସୀ ସମେତ ଅନ୍ୟ ଅଞ୍ଚଳବାସୀ ମଧ୍ୟ ଉପକୃତ ହେଉଥିଲେ। ବର୍ତ୍ତମାନ ଡଙ୍ଗାଟି କଣା ହୋଇଯାଇଛି। ଡଙ୍ଗା ଭିତରେ ପାଣି ପଶୁଥିବାରୁ ଲୋକେ ଯିବା ଆସିବା ପାଇଁ ଭୟ କରୁଛନ୍ତି। ଗତ କିଛି ମାସ ତଳେ ଏହାକୁ ମରାମତି କରାଯାଇଥିଲା। ମାତ୍ର ଏବେ ମଧ୍ୟ କଣା ହୋଇ ଡଙ୍ଗାରେ ପାଣି ପଶୁଛି। ଏହି ପାଣି କାଢି ଫିଙ୍ଗାଯାଉଛି। ଏହି ସମସ୍ୟା ନେଇ ବାରମ୍ବାର ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯଦି କେତେବେଳେ କିଛି ଅଘଟଣ ଘଟିବ ତେବେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ମିଲନ କୁମାର ଝାଙ୍କରଙ୍କୁ ପଚାରିବାର ସେ କହିଥିଲେ ଯେ, ଡଙ୍ଗା ମରାମତି କରାଯାଇଥିଲା। ଯଦି ଏବେ ପୁଣି କଣା ହୋଇ ସମସ୍ୟା ସୃଷ୍ଟି ହୋଇଛି ତା' ହେଲେ ଲୋକଙ୍କ ପାଇଁ ନୂଆ ଡଙ୍ଗା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



ଡଙ୍ଗାରେ ଲୋକେ ମୁରାନ ଜଳଭଣ୍ଡାର ପାର ହେଉଛନ୍ତି।

# ପୋଡ଼ିଦେଲେ ଚାଷୀଙ୍କ ପାଇଁ ଆସିଥିବା କୀଟନାଶକ

## ବିବାଦ ଘେରରେ ଉମରକୋଟ କୃଷି ବିଭାଗ

■ ଏକ୍ସପାଏରି ଡେଟ୍ ଥିବା ସତ୍ତ୍ୱେ ପୋଡ଼ାଯାଇଥିବା ଚାଷୀଙ୍କ ଅଭିଯୋଗ

■ ଘଟଣାର ତଦନ୍ତକରି ନିଆଯିବ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଜିଲା କୃଷି ଅଧିକାରୀ

**ଉମରକୋଟ, ୪।୭(ସନ୍ତୋଷ ଶତପଥୀ)**



ପୋଡ଼ାଯାଇଥିବା କୀଟନାଶକ।

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଜିଲା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଚାଷୀଙ୍କ ପାଇଁ ଆସିଥିବା ଉର୍ଦ୍ଧିଷ୍ଟ କୀଟନାଶକ ପୋଡ଼ାଯାଇଥିବା ଦେଖିବାକୁ ମିଳିଛି। ଚାଷୀଙ୍କୁ ମାଗଣାରେ ବାଣ୍ଟିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାର କୀଟ ନାଶକ ଆସିଥିଲା। କିନ୍ତୁ ତାହା ଚାଷୀଙ୍କୁ ଦିଆ ନ ଯାଇ ପୋଡ଼ାଯାଇଥିବା ଦେଖିବାକୁ ମିଳିଛି। ରାଜ୍ୟ କୃଷି ବିଭାଗ ଚାଷୀଙ୍କୁ ମାଗଣାରେ ବଣ୍ଟନ ପାଇଁ ବିହନ ଓ କୀଟନାଶକ ଆଦି କୃଷି ବିଭାଗକୁ ପ୍ରଦାନ କରିଥାଆନ୍ତି। ଏହାକୁ ଗୋଦାମଗୃହରେ ରଖାଯାଇଥାଏ। କିନ୍ତୁ କୃଷି ଅଧିକାରୀମାନେ ଚାଷୀଙ୍କୁ ସେସବୁ ନ ବାଣ୍ଟି ଅବଧି ସରିଯିବା ପରେ ପୋଡ଼ିଦେଇଥାଆନ୍ତି ବୋଲି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। କିନ୍ତୁ ଏଥର ପୋଡ଼ାଯାଇଥିବା କୀଟନାଶକର ସମୟ ଅବଧି ରହିଛି। ଏହାକୁ ବ୍ୟବହାର କରାଯାଇପାରିଥାଆନ୍ତା। କିନ୍ତୁ ଉମରକୋଟ କୃଷି ବିଭାଗ ଅଧିକାରୀମାନେ ତାହାକୁ ପୋଡ଼ିଦେଇଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା କୃଷି ଅଧିକାରୀ ଡା. ଅଜୟ କୁମାର କରଙ୍କୁ ପଚାରିବାରୁ ଆପଣଙ୍କଠାରୁ ଏ ସମ୍ପର୍କରେ ଏବେ ଅବଗତ ହେଲି। ପୋଡ଼ାଯାଇଥିବା କୀଟନାଶକରେ କିଛି ତାରିଖ ଅବଧି ରହିଥିବା ଦେଖାଯାଉଛି। ଅବଧି ସରିଯାଇଥିବା ଔଷଧ କିମ୍ବା କୀଟନାଶକଗୁଡ଼ିକୁ ଗାତ ଖୋଳି ପୋତିଦେବା କଥା। ଏ ସମ୍ପର୍କରେ ତଦନ୍ତ କରାଯିବ। କୀଟନାଶକଗୁଡ଼ିକ କେଉଁ ସ୍କିମ୍‌ରେ ଆସିଛି ସେ ବିଷୟରେ ବୁଝି ଜିଲା ଅଧିକାରୀଙ୍କୁ ଜଣାଇବି ଏବଂ ଯିଏ ଏପରି କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

